# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୦୨.୨୦୨୩ ରିଖ

ସମୟ-ଅପରାହ୍ନ ଘ.୨.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ଝରଣାରାଣୀ ପତି,
୪. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୫. ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୧୫.୦୨.୨୦୨୩ ରିଖ ଅପରାହ୍ନ ଘ.୨.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳ ୟୁନିଟ୍-୬ ସ୍ଥିତ କାଳି ମନ୍ଦିର ନିକଟରେ ଥିବା ଦୋକାନ ଗୃହ ଗୁଡ଼ିକ ବିପଦସଙ୍କୁଳ ଘୋଷଣା ହୋଇଅଛି, ସେହି ଦୋକାନ ଗୃହ ଗୁଡ଼ିକୁ ଭାଙ୍ଗି ସେଠାରେ ନୂତନ ଦୋକାନ ଗୃହ ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ୱାର୍ଡ଼ ନଂ-୬୭ ସ୍ଥିତ ସୁନ୍ଦରପଦା ହାଟ ନିକଟରେ ପାର୍କିଂସ୍ଥଳ ନଥିବାରୁ ସେଠାକୁ ଯାଉଥିବା ଜନସାଧାରଣ ଏଣେତେଣେ ଗାଡ଼ି ରଖୁଛନ୍ତି, ତେଣୁ ସେଠାରେ ପାର୍କିଂସ୍ଥଳ ଚିହ୍ନଟ କରି ରିପୋର୍ଟ ଦେବାପାଇଁ ଆଂଚଳିକ ଅଧିକାରୀ (ଦକ୍ଷିଣ-ପୂର୍ବ) ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ୨୦୨୨-୨୩ ଆର୍ଥିକ ବର୍ଷରେ ବିଜ୍ଞାପନ ଫଳକ ଲଗାଇବା ବାବଦରେ ଟ ୭,୬୪,୧୨,୭୮୫/- ଆଦାୟ ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ଜାନୁୟାରୀ-୨୦୨୩ ସୁଧା ଟ ୨,୩୬,୬୧,୨୧୧/- ମାତ୍ର ଆଦାୟ ହୋଇଅଛି, ତେଣୁ ଧାର୍ଯ୍ୟ ଅର୍ଥ କେଉଁ କାରଣ ପାଇଁ ଆଦାୟ ହୋଇପାରିଲା ନାହିଁ ତାହାର କାରଣ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ରାଜସ୍ୱଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ୨୦୨୨-୨୩ ଆର୍ଥିକ ବର୍ଷରେ ମାର୍କେଟ୍ ଗୁଡ଼ିକରୁ ରାଜସ୍ୱ ଆଦାୟ କରିବା ପାଇଁ ଟ ୭,୯୮,୫୩,୨୨୦/- ଧାର୍ଯ୍ୟ ହୋଇଥିବା ବେଳେ ଜାନୁୟାରୀ-୨୦୨୩ ପର୍ଯ୍ୟନ୍ତ ଟ ୩,୧୧,୭୧,୪୯୨/- ମାତ୍ର ଆଦାୟ ହୋଇଅଛି । ତେଣୁ ଧାର୍ଯ୍ୟ ଅର୍ଥ କେଉଁ କାରଣ ପାଇଁ ଆଦାୟ ହୋଇପାରିଲା ନାହିଁ ତାହାର କାରଣ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ମାର୍କେଟ୍‌ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ୨୦୨୨-୨୩ ଆର୍ଥିକ ବର୍ଷରେ ଟ୍ରେଡ୍ ଲାଇସେନ୍ସ ଫି ଆଦାୟ ବାବଦକୁ ଟ ୧୪,୮୨,୨୧,୦୦୦/- ଆଦାୟ ହେବାକୁ ଧାର୍ଯ୍ୟ ହୋଇଥିବା ବେଳେ ଜାନୁୟାରୀ-୨୦୨୩ ସୁଧା ଟ ୪,୪୨,୩୧,୮୧୪/- ମାତ୍ର ଆଦାୟ ହୋଇଅଛି । ଏ ବାବଦରେ କମ୍ ଅର୍ଥ ଆଦାୟ ହୋଇଥିବାରୁ ଏହା ଉପରେ ଆଂଚଳିକ ଅଧିକାରୀ (ଦକ୍ଷିଣ-ପୂର୍ବ) କହିଥିଲେ ଯେ, ଟ୍ରେଡ୍ ଲାଇସେନ୍ସ ପାଇଁ ଆଦାୟ ହେବାକୁ ଦିଆଯାଇଥିବା POS ମେସିନ୍ ଖରାପ ହୋଇଯାଇଅଛି ଏବଂ ଆବଶ୍ୟକ ସଂଖ୍ୟକ ମେସିନ୍ ଦିଆଯାଇନଥିବାରୁ ଟ୍ରେଡ୍ ଲାଇସେନ୍ସ ଆଦାୟ ହୋଇପାରୁନାହିଁ । ଏହା ଉପରେ ଆଲୋଚନା କରାଗଲା । ଆବଶ୍ୟକ ସଂଖ୍ୟକ POS ମେସିନ୍ ଜେଡ଼ିସି ମାନଙ୍କୁ ଯୋଗାଇଦେବା ଏବଂ ଧାର୍ଯ୍ୟ ଟ୍ରେଡ୍ ଲାଇସେନ୍ସ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୩.୧୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୫.୦୨.୨୦୨୩ ରିଖ